

ପାଠ ଏବଂ ଚିତ୍ର : ଉଇଲିୟମ୍ ଡି ଭିନ୍‌କ

# ଯୀଶୁ ମସୀହ






















ଏହି ଲୋକସମସ୍ତେ କାହିଁକି ନଦୀ କୂଳରେ ଏକତ୍ର ହୋଇଛନ୍ତି ?
ପ୍ରସ୍ତୁତ ହୁଅ, ଈଶ୍ୱରଙ୍କ ରାଜ୍ୟ ପାଖେଇ ଆସୁଅଛି !



ଏକ ନୂଆ ଜୀବନ ଆରମ୍ଭ କର !
ଈଶ୍ୱରଙ୍କ ଦଣ୍ଡ ରୂପ କୁରାଢ଼ି ଗଛଗୁଡ଼ିକ ମୂଳରେ ଏପର୍ଯ୍ୟନ୍ତ ଲଗାହୋଇ ରହିଛି ।
ଯେଉଁ ଗଛଗୁଡ଼ିକ ଭଲ ଫଳ ଫଳିବ ନାହିଁ ସେହିସବୁ କଟାଯାଇ ନିଆଁରେ ପକାଯିବ ।
ଆମ୍ଭେମାନେ ହୁଏତ ଏହିପରି କଟାଯାଇ ପାରୁ । କିଏ ବା ଏକ ଉତ୍ତମ ଜୀବନ ଯାପନ କରିବାକୁ ସମର୍ଥ ହେବ ?
ନିଶ୍ଚିତ ସତ କଥା ! ଈଶ୍ୱରଙ୍କ ବିଚାରରୁ କେହି ବର୍ତ୍ତୀ ପାରିବେ ନାହିଁ । କିନ୍ତୁ ମୋ ପରେ ଜଣେ ଆସୁଅଛନ୍ତି, ଯେ କି ତୁମ୍ଭମାନଙ୍କ ହୃଦୟକୁ ସଂପୂର୍ଣ୍ଣ ରୂପେ ପରିବର୍ତ୍ତନ କରିବେ ।
ଯଦି ପ୍ରକୃତରେ ତୁମେ ଏକ ଭିନ୍ନ ଜୀବନ ଚାହଁ, ତେବେ ତୁମର ପାପ ସ୍ୱୀକାର କର ଏବଂ ଏହି ଜଳକୁ ଆସି ବାପ୍ତିସ୍ମ ଗ୍ରହଣ କର ।
ଏକ ନୂଆ ଜୀବନ ଆରମ୍ଭ କରିବା ପାଇଁ ତୁମେ ବର୍ତ୍ତମାନ ତୁମ ପାପରୁ ଶୁଚି ହୋଇଅଛ ।


ନଦୀ କୂଳରେ ଥିବା ପ୍ରଚାରକଙ୍କୁ ସମସ୍ତେ ବାପ୍ତିଜକ ଯୋହନ ବୋଲି ଡାକୁଥିଲେ ।
ମୁଁ ମହାନ ନୁହେଁ । ମୁଁ ତାହାଙ୍କ ନିମନ୍ତେ ପଥ ପ୍ରସ୍ତୁତ କରୁଅଛି, ଯିଏକି ଆମ୍ଭମାନଙ୍କୁ ଈଶ୍ୱର କିଏ ତାହା ଦେଖାଇବେ । ସେ ତୁମ୍ଭମାନଙ୍କୁ ପବିତ୍ରଆତ୍ମା ଓ ଅଗ୍ନିରେ ବାପ୍ତିସ୍ମ ଦେବେ । ଯାହାକି ତୁମ୍ଭମାନଙ୍କୁ ସଂପୂର୍ଣ୍ଣ ରୂପେ ପରିବର୍ତ୍ତନ କରିବ ।
ମୁଁ... ମୁଁ ତୁମ ଦ୍ୱାରା ବାପ୍ତିସ୍ମ ନେବା ଉଚିତ୍ ।
ବର୍ତ୍ତମାନ ଏହା କର । ତା'ପରେ ଈଶ୍ୱର ଯାହା ଇଚ୍ଛା କରନ୍ତି, ତାହା ଆମେ କରିବା ।
ପିତା, ତୁମ୍ଭର ରାଜ୍ୟ ଆସୁ ଏବଂ ତୁମର ଇଚ୍ଛା ସଫଳ ହେଉ !
ଆଉ ତା'ପରେ...
ତା'ପରେ ସ୍ୱର୍ଗରୁ ଏକ ସ୍ୱର ଶୁଭିଲା...
ତୁମେ ମୋର ପ୍ରିୟ ପୁତ୍ର । ମୁଁ ତୁମକୁ ପ୍ରେମ କରେ ଓ ତୁମଠାରେ ମୋର ପରମ ସନ୍ତୋଷ ।



ଆମ ଯୁଗର ଏହା ଆରମ୍ଭ ସମୟ, ଯେତେବେଳେ ଯୋହନ ତ୍ତୁବକ ମସୀହଙ୍କର ଆଗମନ ନିମନ୍ତେ ଇସ୍ରାୟେଲ ଲୋକମାନଙ୍କୁ ପ୍ରସ୍ତୁତ କରୁଛନ୍ତି । ଏହି ସମୟରେ ଇସ୍ରାଏଲ ବିରାଟ ରୋମ ସାମ୍ରାଜ୍ୟର କେବଳ ଏକ ଛୋଟ ଅଂଶ ମାତ୍ର ।
କଫର୍ନାହୂମ
ନାଜରିତ
କାନ୍ନା
ଗାଲିଲୀ
ଯିରୂଶାଲମ
ଯିହୁଦା
ଇସ୍ରାଏଲ
ଇସ୍ରାଏଲରେ ଥିବା ଯିହୁଦୀମାନେ ନିଜକୁ ଅସହାୟ ଓ ନିର୍ଯ୍ୟାତିତ ମନେ କରୁଥିଲେ ଓ ମସୀହଙ୍କର ଆଗମନକୁ ଅପେକ୍ଷା କରି ରହୁଥିଲେ । ସେ ଉଦ୍ଧାରକର୍ତ୍ତା ଅଟନ୍ତି, ଯାହାଙ୍କ ବିଷୟରେ ଭବିଷ୍ୟତବାଣୀ କରାଯାଇଥିଲା । ଏହି ମସୀହ ଈଶ୍ୱରଙ୍କ ନ୍ୟାୟପରତାକୁ ଉନ୍ନିତ କରିବେ ।
ଯର୍ଦ୍ଦନ ନଦୀ କୂଳରେ ଯୋହନ ତ୍ତୁବକ ଯୀଶୁଙ୍କୁ ଚିହ୍ନାଉଛନ୍ତି ।
ଏହି ଦେଖ ! ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହି ନେଇ ଯାଆନ୍ତି !
ତାଙ୍କର ବାପ୍ତିସ୍ମ ପରେ ଈଶ୍ୱରଙ୍କ ଆତ୍ମା ଯୀଶୁଙ୍କୁ ମରୁପ୍ରାନ୍ତରକୁ ନେଇଗଲେ ।
ସେ ସେଠାରେ ଚାଳିଶ ଦିନ ଓ ଚାଳିଶ ରାତି ଉପବାସ ରହିଲେ । ଯେପରି ପ୍ରାର୍ଥନା ଓ ଉପବାସ ଦ୍ୱାରା ସେ ନିଜର ପ୍ରଦତ୍ତ କାର୍ଯ୍ୟକୁ ସ୍ପଷ୍ଟ ରୂପେ ଜାଣି ପାରିବେ ।
ଯୀଶୁ ଶୟତାନକୁ ପରାସ୍ତ କଲେ । ଯିଏକି ଅନ୍ଧକାରର କର୍ତ୍ତା ଏବଂ ଅଦୃଶ୍ୟରେ ମୃତ୍ୟୁ ଓ କ୍ଷୟଶୀଳତା ଦ୍ୱାରା ଏ ଜଗତରେ କର୍ତ୍ତୃତ୍ୱ କରେ ।
ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ସଫଳ କରିବା ନିମନ୍ତେ, ଯୀଶୁଙ୍କୁ ଜଗତରେ ଈଶ୍ୱରଙ୍କ ଯୋଜନାକୁ ସ୍ପଷ୍ଟ ଭାବେ ପ୍ରକାଶ କରିବା ଆବଶ୍ୟକ ଥିଲା । ଏହା ଈଶ୍ୱରଙ୍କ ଯୋଜନା ଅଟେ ଯେପରି ଲୋକମାନେ ମୃତ୍ୟୁର ବନ୍ଧନରୁ ମୁକ୍ତ ହେବେ।
ହଁ ପିତା ! ତୁମେ ଯାହା କହିଛ ମୁଁ ତାହା କରିବି !




କିନ୍ତୁ ଶୟତାନ, ତାଙ୍କର ପ୍ରତିପକ୍ଷ, ପ୍ରଲୋଭନ ଦେଖାଇ ଈଶ୍ୱରଙ୍କ କାର୍ଯ୍ୟରୁ ଯୀଶୁଙ୍କୁ ଦୂରେଇ ଦେବାକୁ ଚେଷ୍ଟା କଲା ।
ତୁମେ ଯଦି ଈଶ୍ୱରଙ୍କ ପୁତ୍ର, ତେବେ ଏହି ପଥରଗୁଡ଼ାକ ରୋଟୀରେ ପରିଣତ କର ।
ନା ! ଧର୍ମଶାସ୍ତ୍ରରେ ଏହା ଲେଖାଅଛି, ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ବଞ୍ଚିବା ପାଇଁ ଈଶ୍ୱରଙ୍କ ବାକ୍ୟ ଆବଶ୍ୟକ ।
ତୁମେ ଯଦି ପ୍ରକୃତରେ ଈଶ୍ୱରଙ୍କ ପୁତ୍ର ତେବେ ତାକୁ ପ୍ରମାଣ କର ! ମନ୍ଦିରର ଛାତ ଉପରୁ ତଳକୁ ଡେଇଁପଡ଼ ! ଦୂତମାନେ ତୁମକୁ ତୋଳି ଧରିବେ ଏହା କ'ଣ ଲେଖା ହୋଇନାହିଁ ?
ଏହା ମଧ୍ୟ ଲେଖାଅଛି : ତୁମେ ଆପଣ ପ୍ରଭୁ ଈଶ୍ୱରଙ୍କୁ ପରୀକ୍ଷା କରିବ ନାହିଁ ।
ତୁମେ ଯଦି ସତରେ ମୋତେ ଭୂମିଷ୍ଠ ପ୍ରଣାମ ଓ ଆରାଧନା କରିବ, ତେବେ ମୁଁ ପୃଥିବୀର ଏ ସମସ୍ତ ବିଷୟ ତୁମକୁ ଦେବି !
ଦୂର ହୁଅ ଶୟତାନ ! ଏହା ଲେଖାଅଛି, କେବଳ ତୁମେ ଈଶ୍ୱରଙ୍କର ଆରାଧନା ଓ ସେବା କରିବ ।
ଏହାପରେ ଶୟତାନ ଯୀଶୁଙ୍କୁ ଛାଡ଼ି ଚାଲିଗଲା ଏବଂ ସ୍ୱର୍ଗଦୂତମାନେ ଆସି ତାହାଙ୍କର ସେବା କଲେ ।
ଯୀଶୁ ଆତ୍ମାଙ୍କ ଶକ୍ତିରେ ଗାଲିଲୀକୁ ଫେରିଗଲେ ଏବଂ ତାଙ୍କର ଖ୍ୟାତି ସେହି ଅଞ୍ଚଳ ସାରା ବ୍ୟାପିଗଲା । ଅନେକେ ତାଙ୍କ ସହିତ ଯୋଗ ଦେଲେ । ଭବିଷ୍ୟଦବକ୍ତାମାନେ ଯେଉଁ ମସୀହଙ୍କ କଥା ଲେଖିଥିଲେ, ଯୀଶୁ ସେହି ମସୀହ କି ନୁହନ୍ତି, ତାହା ଜାଣିବାକୁ ସେମାନେ ଆଗ୍ରହୀ ହେଲେ ।



ଗାଲିଲୀର ପାର୍ବତ୍ୟାଞ୍ଚଳରେ ଥିବା କାନ୍ନା ନଗରରେ ଏକ ବିବାହ ଉତ୍ସବ ହେଉଥିଲା ।
ଯୀଶୁ ମଧ୍ୟ ନିଜର ମାତା ଓ କେତେକ ବନ୍ଧୁମାନଙ୍କ ସହିତ ସେହି ବିବାହ ଉତ୍ସବରେ ଯୋଗ ଦେଇଥିଲେ ।



କିନ୍ତୁ ବିବାହ ଉତ୍ସବ ଚାଲିଥିବା ସମୟରେ ...
କ'ଣ ଅସୁବିଧା ହେଇଛି ! ଦ୍ରାକ୍ଷାରସ ସରିଯାଇଛି !
ଯୀଶୁ ତୁମକୁ ଯାହା କହନ୍ତି, ତାହା କର !
ବଡ଼ ବଡ଼ ପାତ୍ରରେ ପାଣି ଭର୍ତ୍ତି କର ଏବଂ ତାକୁ ଚାଖିବା ପାଇଁ ଭୋଜକର୍ତ୍ତାଙ୍କ ନିକଟକୁ ନେଇଯାଅ ।
?
ପାଣି ? କିନ୍ତୁ ଏହା ତ ଦ୍ରାକ୍ଷାରସ ! କେତେ ସୁଆଦିଆ ଦ୍ରାକ୍ଷାରସ !
ଏହାକୁ ଚାଖ ! ତୁମେ ଶେଷ ପର୍ଯ୍ୟନ୍ତ ଭଲ ଦ୍ରାକ୍ଷାରସ ସାଇତି ରଖିଛ !
ଏହା ପୂର୍ବରୁ କେବେ ଶୁଣା ଯାଇନଥିଲା ! ମୁଁ ଏହା ଆଗରୁ ଏମିତିକା ବିବାହ ଉତ୍ସବ କେବେ ଦେଖିନାହିଁ । ପାଣି ଦ୍ରାକ୍ଷାରସରେ ପରିଣତ ହେଲା ! ସବୁଠାରୁ ଉତ୍ତମ ଦ୍ରାକ୍ଷାରସ !
ଏହା ଥିଲା ନାଜରିତ ଯୀଶୁଙ୍କର କାମ !
ସେ କିଏ ?
7.


ଗାଲିଲୀ ହ୍ରଦ କୂଳରେ ଥିବା କଫର୍ନାହୂମ ସହରଟି ଏକ ସମୃଦ୍ଧିଶାଳୀ କେଉଟ ଗାଁ ଅଟେ । ଯୀଶୁ ଏହିଠାରେ ଲୋକମାନଙ୍କୁ ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧରେ କହିବା ଆରମ୍ଭ କଲେ ।
ଏବଂ ଏହିଠାରେ ସେ ତାଙ୍କର ପ୍ରଥମ ଶିଷ୍ୟମାନଙ୍କୁ ମନୋନୀତ କଲେ ।
ପିତର, ଗଭୀର ଜଳକୁ ଯାଅ ଆଉ ସେଠାରେ ତୁମର ଜାଲ ପକାଅ ।
ଗୁରୁ, ଆମେ ରାତି ସାରା ବହୁତ ପରିଶ୍ରମ କରିଛୁ କିନ୍ତୁ କିଛି ପାଇ ନାହୁଁ ।
କିନ୍ତୁ, ତୁମେ ଯଦି କହୁଛ ତେବେ ...
ଏ କ'ଣ ! ମୁଁ ଏହା ବିଶ୍ୱାସ କରିପାରୁନି !


ଯାକୁବ ! ଯୋହନ ! ଏଠାକୁ ଆସ ! ଜୀବନ ସାରା ଆମେ ଏତେ ମାଛ କେବେ ଧରିନୁ ।
ପ୍ରଭୁ ମୋ ନିକଟକୁ ଚାଲି ଯାଆନ୍ତୁ ! ମୁଁ ଜଣେ ପାପୀ ମଣିଷ ।
ଭୟ କର ନାହିଁ, ପିତର !
ଆସ ଓ ମୋହର ଅନୁଗମନ କର ! ମୁଁ ତୁମକୁ ମନୁଷ୍ୟ ଧରିବା ଶିଖାଇବି ।
ମୋର ଅନୁଗମନ କର !


ଯୀଶୁ ଶିଷ୍ୟମାନଙ୍କ ସହିତ ଗାଲିଲୀର ଚାରିଆଡ଼େ ଈଶ୍ୱରଙ୍କ ରାଜ୍ୟ ବିଷୟ ପ୍ରଚାର କଲେ, ରୋଗ ସୁସ୍ଥ କଲେ, ଭୂତାତ୍ମାମାନଙ୍କୁ ତଡ଼ି ଦେଲେ । ଲୋକମାନେ ଚକିତ ହୋଇ ତାଙ୍କର ଅନୁଗମନ କଲେ । ସେମାନେ ବିଭିନ୍ନ ସ୍ଥାନରୁ ଆସୁଥିଲେ ଓ ତାଙ୍କର ପ୍ରତିଟି କଥାରେ ମଜ୍ଜି ଯାଉଥିଲେ ।
ଦୀନହୀନମାନେ ଧନ୍ୟ କାରଣ ସ୍ୱର୍ଗରାଜ୍ୟ ସେମାନଙ୍କର ।
ଧାର୍ମିକତା ପାଇଁ କ୍ଷୁଧିତ ଓ ତୃଷିତ ଲୋକେ ଧନ୍ୟ, କାରଣ ସେମାନେ ପରିତୃପ୍ତ ହେବେ ।
ଯେଉଁମାନେ କ୍ରନ୍ଦନ କରନ୍ତି ସେମାନେ ଧନ୍ୟ, କାରଣ ସେମାନେ ହସିବେ ।
ଯଦି ଲୋକେ ମୋ’ ସକାଶେ ତୁମ୍ଭମାନଙ୍କୁ ଖରାପ ବ୍ୟବହାର କରନ୍ତି, ତେବେ ତୁମ୍ଭେମାନେ ଧନ୍ୟ । ଆନନ୍ଦିତ ଓ ଉଲ୍ଲସିତ ହୁଅ, ଯେହେତୁ ସ୍ୱର୍ଗରେ ତୁମ୍ଭମାନଙ୍କ ନିମନ୍ତେ ମହା ପୁରସ୍କାର ରହିଛି ।


ଅନ୍ୟମାନେ ତୁମ ପ୍ରତି ଯେପରି କରନ୍ତୁ ବୋଲି ତୁମେ ଚାହଁ, ତୁମେ ସେମାନଙ୍କ ପ୍ରତି ସେପରି କର ।
ତୁମର ଶତ୍ରୁମାନଙ୍କୁ ପ୍ରେମ କର ଓ ସେମାନଙ୍କ ନିମନ୍ତେ ପ୍ରାର୍ଥନା କର ।
ଲୋକଙ୍କଠାରୁ ପ୍ରଶଂସା ପାଇବା ପାଇଁ ଲୋକଦେଖାଣିଆ କର୍ମ ନ କରି ଗୋପନରେ ଉତ୍ତମ କର୍ମ କର ।
କେହି ଯଦି କାମାସକ୍ତ ହୋଇ କୌଣସି ସ୍ତ୍ରୀ ପ୍ରତି ଦୃଷ୍ଟିପାତ କରେ, ତେବେ ସେ ନିଜ ହୃଦୟରେ ତା' ସହିତ ବ୍ୟଭିଚାର କରିସାରିଲାଣି ।
ଚକ୍ଷୁ ଶରୀରର ପ୍ରଦୀପ । ତୁମର ଚକ୍ଷୁ ଯଦି ପରିଷ୍କାର ତେବେ ତୁମର ସମଗ୍ର ଶରୀର ଆଲୋକମୟ ହେବ । କିନ୍ତୁ ଯଦି ତୁମର ଚକ୍ଷୁ ଅନ୍ଧକାରମୟ, ତେବେ ତୁମେ ଅନ୍ଧକାରରେ ବାସ କରୁଛ ।
କେହି ଦୁଇ ମୁନିବର ସେବା କରିପାରିବ ନାହିଁ । ହୁଏତ ଈଶ୍ୱରଙ୍କୁ କିମ୍ବା ଧନକୁ ।
ଆସନ୍ତାକାଲି ପାଇଁ ଚିନ୍ତା କର ନାହିଁ । ପ୍ରଥମେ ଈଶ୍ୱରଙ୍କ ରାଜ୍ୟ ବିଷୟ ଅନ୍ୱେଷଣ କର ଏବଂ ଅନ୍ୟ ସବୁ ବିଷୟ ତୁମକୁ ଦିଆଯିବ ।
ଯଦି ତୁମେ ମୋ କଥା ଶୁଣି ପାଳନ କର, ତେବେ ତୁମେ ପଥର ଉପରେ ଘର ବନାଉଥିବା ଲୋକ ପରି । ଆଉ ଯଦି ପାଳନ ନ କର, ତେବେ ବାଲି ଉପରେ ଘର ବନାଉଥିବା ଲୋକ ପରି ।


ଯୀଶୁ କଫର୍ନାହୁମର ଏକ ଘରେ ଥିବା ସମୟରେ ଲୋକମାନେ ତାଙ୍କ ଚତୁର୍ଦ୍ଦିଗରେ ଗହଳି କରିଥିଲେ...
ଆମେ କଦାପି ଭିତରକୁ ପଶି ପାରିବା ନାହିଁ ।
ତାହାହେଲେ ଏ ଛାତ ବାଟେ ଖଟିଆକୁ ଗଳେଇବା !
ସେଠାରେ କ'ଣ ଚାଲିଛି ?
ସେମାନଙ୍କୁ ଛାଡ଼ିଦିଅ ! ସେହି ସାଙ୍ଗମାନଙ୍କର ବହୁତ ବିଶ୍ୱାସ ଅଛି !
ତୁମର ପାପ ସବୁ କ୍ଷମା ହେଲା !
ସେ କିପରି କଲା ! ତୁମେ ତାହା ଶୁଣିପାରିଲ କି ?
ସେ ଇଶ୍ୱର-ନିନ୍ଦା କରୁଛି !
କେବଳ ଇଶ୍ୱର ହିଁ ଏକମାତ୍ର ପାପ କ୍ଷମା କରିପାରନ୍ତି !
ଗୋଟେ ଛୋଟା ଲୋକକୁ କ'ଣ କହିବା ସହଜ : 'ତୁମର ପାପ କ୍ଷମା ହେଲା ନା ଉଠି ଚାଲ' ?
ପାପକ୍ଷମା କରିବାକୁ ମସୀହଙ୍କର ଅଧିକାର ଅଛି । କିନ୍ତୁ ମୁଁ ମଧ୍ୟ କହୁଛି : ତୁମର ବିଛଣା ଉଠାଅ ଆଉ ଚାଲ !




କିନ୍ତୁ ଯୀଶୁଙ୍କର ଏହି କାର୍ଯ୍ୟରେ ସମସ୍ତେ ଖୁସି ନ ଥିଲେ । ଧର୍ମନେତାମାନେ ଏହାକୁ ବିଶ୍ରାମବାରର ବିଧିସଙ୍ଗତ କାର୍ଯ୍ୟ ନୁହେଁ ବୋଲି ଜଣାଇଲେ । ବିଶ୍ରାମବାରରେ ଇସ୍ରାଏଲ ମଧ୍ୟରେ କୌଣସି କାର୍ଯ୍ୟ କରିବାକୁ ଦୃଢ଼ ରୂପେ ବାରଣ କରାଯାଉଥିଲା ।
















ଗାଲିଲୀ ହ୍ରଦରେ ଯୀଶୁ ତାଙ୍କର ଶିଷ୍ୟମାନଙ୍କ ସହିତ ନୌକାରେ ଯାତ୍ରା କରୁଛନ୍ତି ।
ଗୁରୁ ! ରକ୍ଷା କରନ୍ତୁ ! ଆମ୍ଭେମାନେ ବୁଡ଼ି ଯାଉଛୁ !
ତୁମ୍ଭେମାନେ କାହିଁକି ଭୟ କରୁଛ ? ତୁମର କ'ଣ ବିଶ୍ୱାସ ନାହିଁ ?


ଚୁପ୍ ହୁଅ !
ସୁସ୍ଥିର ହୁଅ !
ସେମାନେ କୂଳରେ ସେମାନଙ୍କର ନୌକାକୁ ବାନ୍ଧିଲେ । କିନ୍ତୁ ପର୍ବତରେ...
ହା..ହା ... !


ସେଠାରେ ଜଣେ ଭୂତଗ୍ରସ୍ତ ଲୋକ ଥିଲା ଯିଏ କି ପର୍ବତରେ ବାସ କରୁଥିଲା ।
ତାହାଙ୍କୁ ! ହଁ !
ସେ ଆସୁଅଛନ୍ତି !
ଠିକ୍ ଅଛି, ଉତ୍ତମ । ଯୀଶୁ !
ହେ ସର୍ବୋପରିସ୍ଥ ଈଶ୍ୱରଙ୍କ ପୁତ୍ର, ମୋ' ସହିତ ତୁମର କ'ଣ ଅଛି ?
ତାକୁ ଛାଡ଼ି ଦେ, ଭୂତାତ୍ମା !
ତୋର ନାମ କ'ଣ ?
ବାହିନୀ, କାରଣ ଆମେ ଅନେକ ।
ସେହି ଘୁସୁରିମାନଙ୍କ ମଧ୍ୟକୁ ଚାଲିଯା' ।
ଚାଲିଯା' !



?
ମୁଁ ସଂପୂର୍ଣ୍ଣ ସୁସ୍ଥ !
ଯାଅ ! ଆମକୁ ଛାଡ଼ି ଚାଲି ଯାଅ !
ମୁଁ ଯାଇପାରିବି କି ?
ନା ! ଏହିଠାରେ ରୁହ । ଈଶ୍ୱର ତୁମ ପ୍ରତି ଯାହା କରିଛନ୍ତି, ତାହା ସମସ୍ତଙ୍କୁ କୁହ ।



ମୁଁ ତୁମ୍ଭମାନଙ୍କୁ କହୁଅଛି: ପୁତ୍ର ନିଜେ କିଛି କରିପାରିବେ ନାହିଁ । ପିତା ଯାହା କରିବାର ସେ ଦେଖନ୍ତି, ପୁତ୍ର ତାହା କରନ୍ତି । ମୁଁ ନିଜ ଇଚ୍ଛା ଅନୁସାରେ କିଛି କରୁନାହିଁ କିନ୍ତୁ ଯିଏ ମୋତେ ପଠାଇଛନ୍ତି, ସେହି ପିତାଙ୍କର ଇଚ୍ଛାନୁସାରେ ମୁଁ କରୁଛି ।
ଯୀଶୁ ସବୁବେଳେ ପ୍ରାର୍ଥନା କରିବା ପାଇଁ ନିରୋଳା ସ୍ଥାନକୁ ଯାଉଥିଲେ ।
ଦିନେ ରାତିରେ ପ୍ରାର୍ଥନା କଲା ପରେ ଯୀଶୁ ୧୨ଜଣ ପ୍ରେରିତ ଶିଷ୍ୟଙ୍କୁ ମନୋନୀତ କଲେ । ସେ ସେମାନଙ୍କୁ ଦୁଇ ଦୁଇ ଜଣ କରି ପଠାଇଲେ । ଭୂତ ଛଡ଼ାଇବାକୁ ପୁଣି ରୋଗ ସୁସ୍ଥ କରିବା ପାଇଁ ସେ ସେମାନଙ୍କୁ ଶକ୍ତି ପ୍ରଦାନ କଲେ ।
ସେମାନେ ପିତର ଓ ଆନ୍ଦ୍ରିୟ ଦୁଇ ଭାଇ...
ସେମାନେ ଯାକୁବ ଓ ଯୋହନ ଦୁଇ ଭାଇ...
ଫିଲିପ ଏବଂ ବାର୍ଥଲୋମି...














୧୨ ଜଣ ଶିଷ୍ୟ ଅତି ଉତ୍ସାହର ସହିତ ସେମାନଙ୍କର କାର୍ଯ୍ୟ  କରି ଫେରିଲେ । ତା'ପରେ ଯୀଶୁ ସେମାନଙ୍କ ସହିତ ଏକ ନିରୋଳା ସ୍ଥାନକୁ ଯିବା ପାଇଁ ଇଚ୍ଛା କଲେ, କିନ୍ତୁ ଲୋକମାନେ ତାଙ୍କୁ ଏକାକୀ ଛାଡ଼ିଲେ ନାହିଁ ।






ଯୀଶୁ ତ ଶିକ୍ଷା ଦେବାରେ ଆଉ  ସୁସ୍ଥ କରିବାରେ ଲାଗିରହିଛନ୍ତି । ଏଣେ ଡେରି ହେଇଗଲାଣି ...
ଫିଲିପ, ଏହି ଲୋକମାନେ କେଉଁଠାରୁ ଖାଇବାକୁ ପାଇବେ ? ତୁମେ ସେମାନଙ୍କୁ କିଛି ଦେଉନ ?
ଆଠ ମାସର ପାରିଶ୍ରମିକ ମଧ ଏଠାରେ ଯଥେଷ୍ଟ ହେବନି !
ଏଠାରେ କେବଳ ଗୋଟିଏ ଛୋଟ ପୁଅ ପାଖରେ ପାଞ୍ଚୋଟି ରୋଟୀ ଓ ଦୁଇଟି ମାଛ ଅଛି ।
୫୦ ଜଣିଆ ଦଳ କରି ଲୋକମାନଙ୍କୁ ବସାଅ ।
ଯୀଶୁ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ ।
ସେ ରୋଟୀ ଓ ମାଛକୁ ଭାଙ୍ଗିଲେ ।


ଯୀଶୁ ସେହି ଖାଦ୍ୟକୁ ବହୁଗୁଣିତ କରିବାରୁ ହଜାର ହଜାର ଲୋକ ଖାଇଲେ ।
ଆମେ ତାଙ୍କୁ ରାଜା କରିବା !
ସେ ନିଶ୍ଚୟ ମସୀହ, ଯାହାଙ୍କର ଆସିବାର ଥିଲା ।
ଦେଖ ! ପୁରା ୧୨ ଟୋକେଇ ବଳି ଯାଇଛି !
ଏବେ ଲୋକମାନେ ଘରକୁ ଫେରିଯିବା ଉଚିତ୍ । ତୁମେମାନେ ନୌକାରେ ଆର ପାରିକୁ ଯାଅ । ମୁଁ ପ୍ରାର୍ଥନା କରିବା ପାଇଁ ଏହି ପର୍ବତରେ ରହିବି ।



ତାପରେ...
ଭୟ କର ନାହିଁ, ଏ ତ ମୁଁ !
ଇଲୋ ମାଲୋ...! ଏଇଟା ଗୋଟେ ଭୂତ !
ପ୍ରଭୁ ଯଦି ଆପଣ, ତେବେ ପାଣି ଉପରେ ଚାଲି ଆପଣଙ୍କ ପାଖକୁ ଯିବାକୁ ମୋତେ ଆଜ୍ଞା କରନ୍ତୁ !
ଆସ, ପିତର ।
ପ୍ରଭୁ, ମୋତେ ରକ୍ଷା କରନ୍ତୁ !
ପିତର, ତୁମେ କାହିଁକି ସନ୍ଦେହ କଲ ?


ଅନେକ ଲୋକ ଯୀଶୁଙ୍କୁ ରାଜା କରିବାକୁ ଚାହୁଁଥିଲେ । ସେମାନେ ଭାବୁଥିଲେ ଯୀଶୁଙ୍କର ନେତୃତ୍ୱରେ ରୋମୀୟ ଅଧିପତିମାନେ ବିତାଡ଼ିତ ହେବେ । ଯୀଶୁଙ୍କର ବିରୋଧୀମାନେ ବୃଦ୍ଧି ପାଇ ତାଙ୍କୁ ପରିହାସ କଲେ ଓ ଲୋକଙ୍କୁ ମତାଇ ତାଙ୍କଠୁ ଦୂରେଇ ଦେବାକୁ ଚାହୁଁଥିଲେ ।
ଗୁରୁ ଆପଣ କେତେବେଳେ ଏଠାକୁ ଆସିଲେ ?
ମୁଁ ତୁମମାନଙ୍କୁ ରୋଟୀ ଖୁଆଇଥିବାରୁ କ’ଣ ତୁମେମାନେ ମୋତେ ଖୋଜୁଛ ?
ଯେଉଁ ଖାଦ୍ୟ ନଷ୍ଟ ହେଇଯିବ, ତା’ ନିମନ୍ତେ ଚିନ୍ତା କର ନାହିଁ, କିନ୍ତୁ ଯେଉଁ ଖାଦ୍ୟ ନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରଦାନ କରିବ, ତା’ ନିମନ୍ତେ ଚିନ୍ତା କର ।
ମୁଁ ଜୀବନଦାୟକ ଆହାର । ଏହା ମୋହର ଶରୀର, ଯାହାକୁ ମୁଁ ଜଗତର ଜୀବନ ନିମନ୍ତେ ଦେବି ।
ଏହି ମଣିଷ କିପରି ଆମକୁ ତା’ର ଶରୀର ଖାଇବାକୁ ଦେବ ?
ବାଜେ କଥା !
ଚାଲ ଯିବା !
ସେ କେବଳ ସମସ୍ତଙ୍କୁ ଠକୁଛି ।
ତୁମେମାନେ କ’ଣ ଚାଲିଯିବାକୁ ଇଚ୍ଛା କରୁଛ ?
ପ୍ରଭୁ, ଆମେ କାହା ନିକଟକୁ ଯିବୁ ? ଆପଣଙ୍କ ପାଖରେ ତ ଅନନ୍ତଜୀବନର ବାକ୍ୟ ଅଛି !


ଯୀଶୁଙ୍କର ବିରୋଧୀମାନଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା । ସେ ଗାଲିଲୀ ପ୍ରଦେଶ ଛାଡ଼ି ଇସ୍ରାଏଲର ଅନ୍ୟ ସ୍ଥାନଗୁଡ଼ିକରେ ଉଭୟ ପୁରୁଷ ଓ ମହିଳା ଅନୁଗାମୀ ଦଳ ସହିତ ମିଶି ତାଙ୍କ କାମ କଲେ ।
ଗାଲିଲୀ
ଯିରୂଶାଲମ
ଇସ୍ରାଏଲ
ପରେ ସେ ଯିରୂଶାଲମକୁ ଯାତ୍ରା କଲେ ।
ମୁଁ କିଏ ବୋଲି ଲୋକମାନେ କହନ୍ତି ?
ସେମାନେ କହନ୍ତି, ଆପଣ ଜଣେ ଭାବବାଦୀ ।
ଯାତ୍ରା କରୁଥିବା ସମୟରେ...
ଆଉ ତୁମେମାନେ ?
ମୁଁ କିଏ ବୋଲି ତୁମେମାନେ କ'ଣ ଭାବୁଛ ?
ଆପଣ ଉଦ୍ଧାରକର୍ତ୍ତା, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।
କାହାକୁ କୁହ ନାହିଁ । ମସୀହଙ୍କୁ ଯିରୁଶାଲମକୁ ଯିବାକୁ ହେବ ଏବଂ ଦୁଃଖକଷ୍ଟ ସହି ମୃତ୍ୟୁଭୋଗ କରିବାକୁ ପଡ଼ିବ । କିନ୍ତୁ ତୃତୀୟ ଦିବସରେ ସେ କବରରୁ ପୁଣି ଉଠିବେ ।


ଯିରୂଶାଲମ ସହର ବାହାରେ ଲୋକମାନଙ୍କୁ ହତ୍ୟା କରାଯାଉଥିଲା । ସେମାନଙ୍କୁ କ୍ରୁଶାର୍ପିତ କରାଯାଉଥିଲା, ଯାହାକି ରୋମୀୟମାନଙ୍କର ଏକ ଅତି ନିଷ୍ଠୁର ମୃତ୍ୟୁଦଣ୍ଡ ଥିଲା ।
କେହି ଯେବେ ମୋର ଅନୁଗାମୀ ହେବାକୁ ଚାହେଁ, ତେବେ ସେ ନିଜକୁ ଅସ୍ୱୀକାର କରୁ ଓ ନିଜର କ୍ରୁଶ ବୋହି ମୋର ଅନୁଗମନ କରୁ ।
ଯେ କେହି ନିଜର ଜୀବନ ଧରି ରଖିବାକୁ ଚାହେଁ, ସେ ତାହା ହରାଇବ, କିନ୍ତୁ ଯେ ମୋ’ ପାଇଁ ନିଜର ଜୀବନ ହରାଏ ସେ ତାହା ଲାଭ କରିବ ।
ତୁମେ ଏହା ନିଶ୍ଚିତ ଜାଣ ଯେ, କେବଳ ଜଣେ ଈଶ୍ୱର ଅଛନ୍ତି ।
ମୁଖ୍ୟ ବିଷୟ ହେଉଛି ଯେ, ତୁମେ ତୁମର ସବୁକିଛି ଦେଇ ଈଶ୍ୱରଙ୍କୁ ପ୍ରେମ ଭକ୍ତି କର ଏବଂ ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର ।



ସେହି ସମୟରେ ଇସ୍ରାଏଲ ମଧ୍ୟରେ କୁଷ୍ଠରୋଗୀ ବାସକରୁଥିବା ଗ୍ରାମଗୁଡ଼ିକ ଥିଲା । କୁଷ୍ଠରୋଗ ଏକ ମାରାତ୍ମକ ଚର୍ମରୋଗ । ଏହି ରୋଗୀମାନଙ୍କୁ ଅନ୍ୟ ଭଲ ଲୋକମାନଙ୍କ ସହିତ ମିଳାମିଶା କରିବା ପାଇଁ ବାରଣ କରାଯାଉଥିଲା ।
କୁଷ୍ଠରୋଗୀମାନେ କୌଣସି ସ୍ଥାନକୁ ଯିବା ସମୟରେ ଚିତ୍କାର କରି ସେମାନଙ୍କର ଆସିବା ବିଷୟରେ ଲୋକମାନଙ୍କୁ ସତର୍କ କରାଉଥିଲେ ।
**କୁଷ୍ଠରୋଗୀ ! କୁଷ୍ଠରୋଗୀ !**
ହେ ଯୀଶୁ ! ଗୁରୁ ! ଆମ ପ୍ରତି ଦୟା କରନ୍ତୁ ।




ଯାଅ, ଯାଜକମାନଙ୍କ ନିକଟକୁ ଯାଇ ନିଜକୁ ଦେଖାଅ !
ଯାଜକମାନଙ୍କ ନିକଟକୁ ପରୀକ୍ଷା କରିବା ପାଇଁ ଯିବା ?
ଆମେ କ'ଣ ଏହିପରି ସୁସ୍ଥ ହେବା ?
?
!
ଦେଖ ! ମୁଁ ସୁସ୍ଥ ହେଇଗଲି !
ଆମ୍ଭେମାନେ ସୁସ୍ଥ ହେଇଗଲୁ !
ହଁ !
ହାଲ୍ଲେଲୁୟା ! ଈଶ୍ୱର ଉତ୍ତମ ! ଧନ୍ୟବାଦ !
୧୦ ଜଣ କ'ଣ ସୁସ୍ଥ ହେଲେ ନାହିଁ ? ଅନ୍ୟମାନେ କାହାଁନ୍ତି ? ଈଶ୍ୱରଙ୍କୁ ଧନ୍ୟବାଦ ଦେବାକୁ ସେମାନେ କ'ଣ ଆସିବେ ନାହିଁ ?
ଉଠ ! ତୁମର ବିଶ୍ୱାସ କେବଳ ତୁମକୁ ସୁସ୍ଥ କରିନାହିଁ, ତୁମକୁ ରକ୍ଷା ମଧ୍ୟ କରିଛି ।


ଯିରୁଶାଲମର ଯିହୁଦୀ ନେତାମାନେ ସେମାନଙ୍କର ଦାସମାନଙ୍କୁ ଯୀଶୁଙ୍କ ବିରୁଦ୍ଧରେ ଗୁପ୍ତଚର ଭାବେ ପଠାଇଲେ । ସେମାନେ ସବୁବେଳେ ଯୀଶୁଙ୍କର କାର୍ଯ୍ୟକୁ ବିରୋଧ କରୁଥିଲେ ।





ଲାଜାରଙ୍କ ଅସୁସ୍ଥତା ପାଇଁ ଯୀଶୁଙ୍କୁ ଯିରୁଶାଲମ ନିକଟସ୍ଥ ବେଥାନୀ ଗ୍ରାମକୁ ଆସିବାକୁ ଖବର ଦିଆଗଲା । ଲାଜାର ଏବଂ ତାଙ୍କର ଦୁଇ ଭଉଣୀ ମାର୍ଥା ଓ ମରିୟମ ଯୀଶୁଙ୍କର ଉତ୍ତମ ବନ୍ଧୁ ଥିଲେ । ଯୀଶୁ ବେଥାନୀରେ ପହଞ୍ଚି ଖବର ପାଇଲେ ଯେ, ଲାଜାର ଚାରିଦିନ ପୂର୍ବରୁ ମରିଗଲାଣି ।
ପ୍ରଭୁ !
ପ୍ରଭୁ, ଆପଣ ଯଦି ଏଠାରେ ଥାଆନ୍ତେ, ତେବେ ମୋର ଭାଇ ମରି ନ ଥାଆନ୍ତା !
ତୁମର ଭାଇ ପୁଣି ଥରେ ଉଠିବ, ମାର୍ଥା ।
ହଁ ମୁଁ ଜାଣେ, ଶେଷ ଦିନରେ ପୁନରୁତ୍ଥାନ ସମୟରେ ସେ ପୁନର୍ବାର ଉଠିବ ।
ମୁଁ ପୁନରୁତ୍ଥାନ ଓ ଜୀବନ । ଯେ ମୋ'ଠାରେ ବିଶ୍ୱାସ କରେ, ସେ ମଲେ ମଧ୍ୟ ବଞ୍ଚିବ । ତୁମେ କ'ଣ ଏହା ବିଶ୍ୱାସ କରୁଛ ମାର୍ଥା ?
ହଁ ପ୍ରଭୁ ! ଜଗତକୁ ଯାହାଙ୍କର ଆସିବାର ଥିଲା, ଆପଣ ଯେ ଈଶ୍ୱରଙ୍କ ପୁତ୍ର ସେହି ପ୍ରତିଜ୍ଞାତ ପରିତ୍ରାଣକର୍ତ୍ତା ଏହା ମୁଁ ବିଶ୍ୱାସ କରେ ।
ତୁମେ ତାକୁ କେଉଁଠାରେ କବର ଦେଇଛ ?
ପ୍ରଭୁ, ଆସନ୍ତୁ ଦେଖିବେ !


ଦେଖ ସେ ପ୍ରକୃତରେ ତାଙ୍କୁ ପ୍ରେମ କରୁଥିଲେ ।
କିନ୍ତୁ ସେ କ'ଣ ଲାଜାରଙ୍କୁ ମୃତ୍ୟୁମୁଖରୁ ରକ୍ଷା କରି ପାରି ନ ଥାନ୍ତେ ?
ଏହିଠାରେ ମୃତ ବ୍ୟକ୍ତିଟି କନାରେ ଗୁଡ଼ା ହୋଇ ପଥରର କବର ମଧ୍ୟରେ ଅଛି ।
ପଥରଟିକୁ ଘୁଞ୍ଚାଇ ଦିଅ !
ପ୍ରଭୁ ଏହା ପଚିସଢ଼ି ଯାଇଥିବ, କାରଣ ମରିବାର ଚାରିଦିନ ହୋଇଗଲାଣି...
ତୁମେମାନେ ଈଶ୍ୱରଙ୍କ ମହିମା ଦେଖିବ ।
ପିତା, ଏଠାରେ ଠିଆ ହୋଇଥିବା ଲୋକମାନେ ଯେପରି ବିଶ୍ୱାସ କରିବେ ଯେ ତୁମେ ମୋତେ ପଠାଇଛ, ସେଥିପାଇଁ ମୁଁ ଏହା କହୁଛି ।
ଲାଜାର, ବାହାରି ଆସ !
ସମାଧି ବସ୍ତ୍ରଗୁଡ଼ିକ କାଢ଼ିଦିଅ ଓ ତାକୁ ଯିବାକୁ ଦିଅ ।



ଯିରୁଶାଲମର ଅଧିପତିମାନେ ଯୀଶୁ ଓ ତାଙ୍କର ଅନୁଗାମୀମାନଙ୍କ ବିଷୟରେ ଅଧିକ ଉଦ୍‌ବିଗ୍ନ ହେଲେ ।
ଏହି ଲୋକ ଅନେକ ଆଶ୍ଚର୍ଯ୍ୟକର୍ମ କରୁଛି ।
ଆମେ ଯଦି ଏହିପରି ଭାବେ ତାକୁ ଛାଡ଼ିଦେଉ, ତେବେ ରୋମୀୟମାନେ ଆମକୁ ଦଣ୍ଡ ଦେବେ ।
ସେମାନେ ଆମର ମନ୍ଦିରକୁ ଓ ଆମ ଜାତିକୁ ଧ୍ୱଂସ କରିଦେବେ !
ତୁମର କ'ଣ ଟିକେ ବି ସାଧାରଣ ଜ୍ଞାନ ନାହିଁ ! ସମଗ୍ର ଦେଶ ଧ୍ୱଂସ ପାଇବା ଅପେକ୍ଷା ଏ ଜାତି ନିମନ୍ତେ ଜଣେ ବ୍ୟକ୍ତି ମରିବା ବରଂ ଭଲ ।
ସେଥିପାଇଁ ଯୀଶୁ ମରିବା ଉଚିତ୍ !
ସେହି ସମୟଠାରୁ ଯିହୁଦୀନେତାମାନେ ଯୀଶୁଙ୍କୁ ରୋମୀୟମାନଙ୍କ ହାତରେ ଧରାଇଦେବା ନିମନ୍ତେ ସୁଯୋଗ ଖୋଜିଲେ । ସେହିମାନେ ହିଁ କେବଳ ମୃତ୍ୟୁଦଣ୍ଡ ଦେଇପାରିବେ ।


ଯେତେବେଳେ ଯୀଶୁ ବେଥାନୀରେ ଥିଲେ...
ମରିୟମ !
ଏହି ସୁଗନ୍ଧି ତୈଳ ! ଏ ତ ବହୁତ ମୂଲ୍ୟବାନ !
ଏହାକୁ ବିକି ଟଙ୍କାଗୁଡ଼ିକ ଦରିଦ୍ରମାନଙ୍କୁ ଦେଇଥିଲେ ବରଂ ଭଲ ହେଇଥାଆନ୍ତା !
ତାକୁ କରିବାକୁ ଛାଡ଼ିଦିଅ ଯିହୁଦା । ସମାଧି ନିମନ୍ତେ ସେ ମୋର ଶରୀରକୁ ପ୍ରସ୍ତୁତ କରୁଛି ।


ନିସ୍ତାରପର୍ବର ଭୋଜ ପାଖେଇ ଆସୁଥାଏ ।
ଯିରୁଶାଲମରେ ଲୋକଗହଳି ବଢୁଥାଏ ।


ଯିରୁଶାଲମରେ ନେତାମାନେ ଯୀଶୁଙ୍କୁ ଗିରଫ କରିବା ପାଇଁ ଯୋଜନା କରୁଥାନ୍ତି । ତା’ ସତ୍ତ୍ୱେ ମଧ୍ୟ ସେ ସେହି ସହରକୁ ଯାତ୍ରା କଲେ ।



ଲୋକମାନେ ଆନନ୍ଦରେ ତାଙ୍କର ସ୍ୱାଗତ କରୁଛନ୍ତି ।
ଶୀଘ୍ର !
ଚଞ୍ଚଳ କର !
ଇସ୍ରାଏଲର ରାଜା !
ପ୍ରଭୁଙ୍କ ନାମରେ ଯିଏ ଆସୁଅଛନ୍ତି, ସେ ଧନ୍ୟ !
Jerusalem, if you just knew how to receive peace. But you don’t want to.
ଆମ ପଛରେ କେହି ନାହାଁନ୍ତି ।
ସାରା ଦୁନିଆଟା ତା ପଛରେ ଗଲାଣି ।


ରାଜଧାନୀ ସହରରେ ଥିବା ମନ୍ଦିରଟି ଉପାସନାର ମୂଖ୍ୟ କେନ୍ଦ୍ର ଥିଲା ।
ନିସ୍ତାରପର୍ବ ସମୟରେ ମେଷମାନଙ୍କୁ ବଳି ଦିଆଯାଉଥିଲା ।
ଈଶ୍ୱରଙ୍କ ସହିତ ମନୁଷ୍ୟର ପୁର୍ନମିଳନ ପାଇଁ  ମନ୍ଦିରରେ ମେଷମାନଙ୍କୁ ବଳି ଦିଆଯାଉଥିଲା ।
କିନ୍ତୁ କେଉଁ ବଳିକୃତ ମେଷ ପ୍ରକୃତରେ ଲୋକମାନଙ୍କୁ ସେମାନଙ୍କର ପାପରୁ ମୁକ୍ତ କରିପାରେ ?
ମନ୍ଦିରରେ ରାଜକର୍ମଚାରୀମାନେ ବାଣିଜ ବ୍ୟବସାୟରେ ବ୍ୟସ୍ତ ଅଛନ୍ତି ।
ଯୀଶୁ ମଧ୍ଯ ସେଠାରେ ଅଛନ୍ତି...



ଈଶ୍ୱରଙ୍କ ଗୃହ ପ୍ରାର୍ଥନା ଗୃହ ଅଟେ, କିନ୍ତୁ ତୁମେମାନେ ତାକୁ ଚୋରମାନଙ୍କ ଗହ୍ୱର କରିଛ !
ସେ ବହୁତ ଭୟଙ୍କର, ଲୋକମାନେ ତା'ର ପ୍ରତିଟି କଥାକୁ ମାନୁଛନ୍ତି ।
ଆମେ ଯେତେ ଶୀଘ୍ର ପାରୁ ତାକୁ ହଟେଇ ଦେବା ଭଲ ।


ଯଦି ଆମେ କିଛି କୌଶଳ କରିବା ତେବେ ତାକୁ ଧରିପାରିବା ଆଉ ତା' ପରେ ତାକୁ ହତ୍ୟା କରିପାରିବା ।
କିନ୍ତୁ ପର୍ବ ସମୟରେ ନୁହେଁ । ନିସ୍ତାରପର୍ବ ସମୟରେ କୌଣସି ସମସ୍ୟା ହେଉ ବୋଲି ଆମେ ଚାହୁଁନା ।
ତା' ପାଇଁ ଆପଣମାନେ ମୋତେ କେତେ ଟଙ୍କା ଦେବେ ?
ଇଏ ଯିହୁଦା, ତା'ର ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ।
ମୁଁ ଯୀଶୁଙ୍କୁ ଆପଣଙ୍କ ହାତରେ ଧରାଇଦେବି !
ଯୀଶୁଙ୍କ ପାଇଁ ଆମେ ତତେ ୩୦ଟି ରୌପ୍ୟମୁଦ୍ରା ଦେବୁ, ଗୋଟେ ଦାସର ମୂଲ୍ୟ ଦେବୁ ।


ଯଦିଓ ଧର୍ମନେତା ଯୀଶୁଙ୍କୁ ବାଧା ଦେବା ପାଇଁ ସବୁପ୍ରକାର ଚେଷ୍ଟା ଚଳାଇଥିଲେ ତଥାପି ଯୀଶୁ ନିସ୍ତାରପର୍ବ ଭୋଜର ପୂର୍ବରୁ ମନ୍ଦିରରେ ଲୋକମାନଙ୍କୁ ଶିକ୍ଷା ଦେଉଥିଲେ ।
ସେହି ସନ୍ଧ୍ୟାରେ ଯୀଶୁ ଏବଂ ତାଙ୍କର ୧୨ଜଣ ଶିଷ୍ୟ ନିସ୍ତାରପର୍ବ ଭୋଜରେ ଏକତ୍ର ହୋଇଥିଲେ ।
ଆଜି ରାତିରେ ମୁଁ ଏହା କରିବି !


ମୋର ଦୁଃଖଭୋଗ ପୂର୍ବରୁ ତୁମମାନଙ୍କ ସହିତ ଏହି ନିସ୍ତାର ପର୍ବର ଭୋଜ ପାଳନ କରିବାକୁ ମୁଁ ଇଚ୍ଛା କରିଥିଲି ।
ପଦସ୍ଥ କର୍ମଚାରୀମାନେ ଅନ୍ୟମାନଙ୍କୁ ସେମାନଙ୍କର ଦାସ କରନ୍ତି, କିନ୍ତୁ ତୁମମାନଙ୍କ ମଧ୍ୟରେ ସେହିପରି ହେବ ନାହିଁ ।
ଯିଏ ନେତା ହେବାକୁ ଚାହେଁ, ସେ ସମସ୍ତଙ୍କର ଦାସ ହେଉ ।
ତୁମମାନଙ୍କ ମଧ୍ୟରେ ମୁଁ ଜଣେ ଦାସ ପରି ରହିଛି ।


ପ୍ରଭୁ, ଆପଣ କ'ଣ ଜଣେ ଦାସ ପରି ମୋର ପାଦ ଧୋଇବାକୁ ଯାଉଛନ୍ତି ? ନା ! କଦାପି ନୁହେଁ !
ମୁଁ ଯଦି ତୁମର ପାଦ ନ ଧୁଏ, ତେବେ ମୋ' ସହିତ ତୁମର କୌଣସି ଭାଗ ନାହିଁ ।
ପ୍ରଭୁ, ତା'ହେଲେ ମୋର ହାତ ଓ ମୁଣ୍ଡ ମଧ୍ୟ ଧୋଇ ଦିଅନ୍ତୁ !
ଯେ ଗାଧୋଇ ସାରିଛି, ତା'ର କେବଳ ପାଦ ଧୋଇବା ଆବଶ୍ୟକ ।
ତୁମେମାନେ ମୋତେ ଗୁରୁ ଓ ପ୍ରଭୁ ବୋଲି ଡାକୁଅଛ, ତାହା ଠିକ୍ କଥା । ମୁଁ ଯେପରି ତୁମମାନଙ୍କର ପାଦ ଧୋଇ ଦେଇଛି, ତୁମେମାନେ ମଧ୍ୟ ସେହିପରି ପରସ୍ପରର ପାଦ ଧୋଇବା ଉଚିତ୍ ।
ତୁମ ମଧ୍ୟରୁ ଜଣେ ମୋ' ପ୍ରତି ବିଶ୍ୱାସଘାତକତା କରିବ ।
କେବେ ନୁହେଁ !
ମୁଁ କେବେ ହୋଇ ନ ଥିବି ?
ଯିହୁଦା, ଯାହା କରିବାକୁ ଯାଉଛ, ତାହା ଶୀଘ୍ର କର ।


ମୋତେ ସ୍ମରଣ କରିବା ନିମନ୍ତେ ଏହା କର ।
ଏହି ରୋଟୀ ଭୋଜନ କର, ଏହା ମୋର ଶରୀର ।
ଏହି ପାନପାତ୍ରରୁ ପାନ କର । ଏହା ମୋର ରକ୍ତ ଯାହାକି ତୁମମାନଙ୍କ ନିମନ୍ତେ ଢ଼ଳାଯାଉଛି । ଏହିପରି ଭାବେ ଈଶ୍ୱର ତୁମମାନଙ୍କ ସହିତ ଏକ ନୂତନ ଚୁକ୍ତି କରିଛନ୍ତି ।
ମୁଁ ତୁମମାନଙ୍କୁ ଏକ ନୂତନ ଆଜ୍ଞା ଦେଉଛି, ମୁଁ ଯେପରି ତୁମମାନଙ୍କୁ ପ୍ରେମ କରିଛି, ତୁମେମାନେ ମଧ୍ୟ ପରସ୍ପରକୁ ସେହିପରି ପ୍ରେମ କର ।
ଯଦି ତୁମମାନଙ୍କ ମଧ୍ୟରେ ପ୍ରେମ ଥିବ, ତେବେ ସମସ୍ତେ ଜାଣିବେ ଯେ, ତୁମେମାନେ ମୋର ଶିଷ୍ୟ ।
ପ୍ରଭୁ, ଆପଣ ଯେଉଁଠାକୁ ଯିବେ, ମୁଁ ଆପଣଙ୍କର ଅନୁଗମନ କରିବି । ମୁଁ ଆପଣଙ୍କ ପାଇଁ ମୋର ଜୀବନ ଦେଇ ଦେବି ।
ପିତର, କୁକୁଡ଼ା ଡାକିବା ସମୟରେ ତମେ ମୋତେ ତିନିଥର ଅସ୍ୱୀକାର କରିବ ।


ସେହି ସନ୍ଧ୍ୟା ପରେ ଯୀଶୁ ଏବଂ ତାଙ୍କର ଶିଷ୍ୟମାନେ ସେହି ନଗର ପରିତ୍ୟାଗ କଲେ । ଯିହୁଦା ସେମାନଙ୍କ ସାଙ୍ଗରେ ନ ଥିଲେ...
ମୁଁ ତୁମମାନଙ୍କୁ ଛାଡ଼ି ଯାଉଅଛି, କିନ୍ତୁ ପିତା ତୁମମାନଙ୍କ ପାଖକୁ ପବିତ୍ରଆତ୍ମାଙ୍କୁ ପଠାଇବେ । ସେ ତୁମମାନଙ୍କ ସାଙ୍ଗରେ ଚିରକାଳ ରହିବେ ଓ ତୁମମାନଙ୍କୁ ସାହାଯ୍ୟ କରିବେ ।
ମୁଁ ଯେଉଁ ସ୍ଥାନକୁ ଯାଉଛି, ତା'ର ପଥ ତୁମେମାନେ ଜାଣିଛ ।
ମୁଁ ପଥ, ସତ୍ୟ ଓ ଜୀବନ । ମୋ' ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଇ ପାରିବ ନାହିଁ ।
ତୁମେମାନେ ଏହିଠାରେ ଥାଅ । ମୁଁ ଅଳ୍ପ ଦୂରରେ ପ୍ରାର୍ଥନା କରିବାକୁ ଯାଉଛି ।
ପିତା, ଯଦି ସମ୍ଭବ ହୁଏ, ତେବେ ଏହି କଷ୍ଟ ମୋ' ପାଖରୁ ଦୂର କର ।
ତଥାପି, ମୋର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ସଫଳ ହେଉ ।



ତୁମେମାନେ କିପରି ଏକା ସମୟରେ ଏମିତି ଶୋଇପଡ଼ିଲ ? ଉଠ ! ଯିଏ ମୋତେ ବିଶ୍ୱାସଘାତକତା କରିବ ସେ ଏହିଠାରେ !
ଯାହାକୁ ମୁଁ କିସି ଦେବି, ତାକୁ ଧରିନେବ ।
ହେ ଗୁରୁ !
ଯିହୁଦା, ତୁମେ କ'ଣ ଚୁମ୍ବନ ଦେଇ ମସୀହଙ୍କ ପ୍ରତି ବିଶ୍ୱାସଘାତକତା କରୁଛ ?
ପ୍ରଭୁ, ଆମେ କ'ଣ ଯୁଦ୍ଧ କରିବା ?
ନାହିଁ !
ସେମାନେ ଯୀଶୁଙ୍କୁ ଧରି ନେଇଗଲେ । ତାଙ୍କର ଶିଷ୍ୟମାନେ ତାଙ୍କୁ ଛାଡ଼ି ପଳାଇଗଲେ ।


ଯୀଶୁଙ୍କୁ ଯିହୁଦୀମାନଙ୍କର ନେତା ମହାଯାଜକଙ୍କ ନିକଟକୁ ନିଆଗଲା ।
ପିତର ଓ ଯୋହନ କିଛି ଦୂରରୁ ସେମାନଙ୍କର ପଛେ ପଛେ ଗଲେ ।
ପିତର ରାଜଉଆସ ଭିତରକୁ ଯାଉଛନ୍ତି ।
ତୁମେ କ'ଣ ତାଙ୍କ ସଙ୍ଗରେ ନ ଥିଲ ?
ନା ! ମୁଁ ସେହି ଲୋକକୁ ଜାଣେ ନାହିଁ !
ତୁମେ କ'ଣ ସେମାନଙ୍କ ଭିତରୁ ଜଣେ ନୁହଁ ?
ମୋଟେ ନୁହେଁ !
ମୁଁ ଭଲ ଭାବେ ଜାଣେ ତୁମେ ସେଠାରେ ଥିଲ ! କାରଣ ତୁମେ ଜଣେ ଗାଲିଲୀୟ !
ତମେ କାହା ବିଷୟରେ କ'ଣ କହୁଛ, ମୁଁ ଜାଣେ ନାହିଁ ।


କକ୍‌ରେ - କ- ଅ-
କିଛି ସମୟ ପରେ...
କହ, ଚିନ୍ତା କରି ଆମକୁ କହ, କିଏ ତତେ ମାରିଲା ?
ସକାଳେ ଯୀଶୁଙ୍କୁ ଯିହୁଦୀନେତାମାନଙ୍କର ମହାସଭାକୁ ଅଣାଗଲା ।
ତୁମେ କ’ଣ ଇଶ୍ୱରଙ୍କ ପୁତ୍ର ?
ତୁମେମାନେ ଏହା ଠିକ୍ କହିଅଛ ।
ଇଶ୍ୱରନିନ୍ଦା ! ସେ ମରିବା ଯୋଗ୍ୟ । ତାକୁ ରୋମୀୟମାନଙ୍କ ହାତରେ ଛାଡ଼ିଦିଅ ।


ଯୀଶୁଙ୍କୁ ରୋମୀୟ ରାଜ୍ୟପାଳ ପିଲାତଙ୍କ ପାଖକୁ ଅଣାଗଲା । ଯିହୁଦୀ ନେତାମାନେ ପାଟିତୁଣ୍ଡ କରି ତାଙ୍କ ବିରୁଦ୍ଧରେ ଅଭିଯୋଗମାନ ଆଣିଲେ ।
ଏହିସବୁ ଅଭିଯୋଗ ବିଷୟରେ ତୁମେ କ'ଣ କହୁଛ ? କିଛି ନୁହେଁ ?
ମୁଁ ଏହାଠାରେ କୌଣସି ଦୋଷ ପାଉନି । ନିସ୍ତାରପର୍ବର ଭୋଜ ସମୟରେ ମୁଁ କାହାକୁ ମୁକ୍ତ କରିବି, ବାରବ୍ବାକୁ ନା ଯିହୁଦୀମାନଙ୍କର ରାଜାଙ୍କୁ ?
ତୁମେ କ'ଣ କରିଛ ?
ମୁଁ ସତ୍ୟକୁ ପ୍ରମାଣ କରିବା ପାଇଁ ଏ ଜଗତକୁ ଆସିଛି ।
ସତ୍ୟ କ'ଣ ?


ବାରଘା !
ବାରଘା !
କିନ୍ତୁ ଯୀଶୁଙ୍କ ପ୍ରତି ମୁଁ କ'ଣ କରିବି ?
ତାକୁ କ୍ରୁଶରେ ଚଢ଼ାଅ !
ସେ ନିଜକୁ ଜଣେ ରାଜା ବୋଲି ଭାବୁଛି !
ଯଦି ଆପଣ ଏହାକୁ ଛାଡ଼ି ଦିଅନ୍ତି, ତେବେ ଆପଣ ସିଜାରଙ୍କ ବନ୍ଧୁ ନୁହନ୍ତି ।
ତାଙ୍କ ବଦଳା ତୁମେ ମୁକ୍ତ ହୋଇପାର ।
ବାରଘ ମୁକ୍ତ ହେଲା । ସେ ନରହତ୍ୟା ଦୋଷରେ ଦୋଷୀ ସାବ୍ୟସ୍ତ ହେଇଥିଲା ।
..., ୩୭, ୩୮, ୩୯ !
ଏହାର ରକ୍ତପାତରେ ମୁଁ ଦୋଷୀ ନୁହେଁ ।
ହେ, ଯିହୁଦୀମାନଙ୍କ ରାଜା !


ଏହି ବ୍ୟକ୍ତିଙ୍କୁ ଦେଖ !
ତାକୁ କ୍ରୁଶରେ ଚଢ଼ାଅ !
ତାକୁ କ୍ରୁଶରେ ଚଢ଼ାଅ !
ତାକୁ କ୍ରୁଶରେ ଚଢ଼ାଅ !
ପିଲାତ ସେହି ମୃତ୍ୟୁଦଣ୍ଡାଦେଶରେ ସ୍ୱାକ୍ଷର କଲେ । କ୍ରୁଶବିଦ୍ଧ କରି ମାରିବା ଥିଲା ଏକ ଭୟଙ୍କର ଦଣ୍ଡାଦେଶ । ଯୀଶୁ କ୍ରୁଶକାଠକୁ ଅତ୍ୟନ୍ତ ଯନ୍ତ୍ରଣାରେ ବୋହି ବୋହି ଯୀରୁଶାଲମ ରାସ୍ତାରେ ଗଲେ ।
ନଗରର ବାହାରେ ଏହି ସ୍ଥାନଟି ଥିଲା । ଏହାକୁ ଗଲ୍‌ଗଥା ବା 'ଖପୁରୀ ସ୍ଥଳ' ବୋଲି କୁହାଯାଏ ।
ଏହିଠାରେ ସୈନିକମାନେ ଯୀଶୁଙ୍କୁ କ୍ରୁଶାର୍ପିତ କଲେ ।



ଠିକ୍ ସେହି ସମୟରେ ଯିହୁଦା ତା'ର କାମ ପାଇଁ ଗଭୀର ଅନୁତାପ କଲା ।
ମୁଁ ଭୁଲ୍ କରିଛି ।
ମୁଁ ନିର୍ଦ୍ଦୋଷ ରକ୍ତ ବିରୁଦ୍ଧରେ ବିଶ୍ୱାସଘାତକତା କରିଛି ।
ଆମର ସେଥିରେ କ'ଣ ଅଛି ? ଏଇଟା ତୋର ସମସ୍ୟା !
ଯୀଶୁ ଦୁଇଜଣ ଅପରାଧୀଙ୍କ ମଝିରେ କ୍ରୁର୍ଶାପିତ ହେଲେ ।
ପିତା, ଏମାନଙ୍କୁ କ୍ଷମା କର, କାରଣ ଏମାନେ କ'ଣ କରୁଛନ୍ତି, ତାହା ଜାଣୁ ନାହାନ୍ତି ।



ସେମାନଙ୍କ ଭାଷାରେ ଖୋଦିତ ଏକ ଲେଖାକୁ କ୍ରୁଶରେ ଲଗାଗଲା । ସେଥିରେ ଲେଖାଥିଲା : ''ଯୀଶୁ, ଯିହୁଦୀମାନଙ୍କର ରାଜା ।''
IESVS NAZARENVS REX IVDAEORVM
ଯୀଶୁ ପିତ୍ତମିଶ୍ରିତ ପାଣି ପିଇବାକୁ ମନା କଲେ ।
ସୈନିକମାନେ ତାଙ୍କର ଲୁଗା ପାଇଁ ଗୁଲିବାଣ୍ଟ କଲେ ।
ହଁ ! ସେ କ'ଣ ଅନ୍ୟମାନଙ୍କୁ ରକ୍ଷା କରି ନଥିଲା ?
ତୁ ଯଦି ଈଶ୍ୱରଙ୍କ ପୁତ୍ର, ତେବେ କ୍ରୁଶରୁ ଓହ୍ଲାଇ ଆ !
ନିଜକୁ ପୁଣି ଆମମାନଙ୍କୁ ରକ୍ଷା କର୍ !
ଈଶ୍ୱରଙ୍କୁ ଟିକେ ସମ୍ମାନ ଦେ । ଆମେ ତ ଆମ ଅପରାଧ ନିମନ୍ତେ ଦଣ୍ଡ ଭୋଗୁଛୁ, କିନ୍ତୁ ଏହି ବ୍ୟକ୍ତି କୌଣସି ଦୋଷ କରି ନାହାନ୍ତି ।
ଆପଣ ନିଜ ରାଜ୍ୟରେ ପ୍ରବେଶ କଲେ ମୋତେ ସ୍ମରଣ କରିବେ !
ମୁଁ ତୁମକୁ କଥା ଦେଉଛି, ତୁମେ ଆଜି ମୋ' ସହିତ ପାରଦୀଶରେ ଉପସ୍ଥିତ ହେବ ।


ଦିନ ୧୨ଟା ସମୟରେ ସୂର୍ଯ୍ୟରେ କୌଣସି ଆଲୋକ ରହିଲା ନାହିଁ । ସବୁକିଛି ଅନ୍ଧକାର ହେଇଗଲା ।
ଯୀଶୁଙ୍କର ମାତା ମରିୟମ ଓ ତାଙ୍କ ଶିଷ୍ୟ ଯୋହନ କ୍ରୁଶ ପାଖରେ ଠିଆ ହୋଇଛନ୍ତି ।
ବର୍ତ୍ତମାନ ତୁମେ ମାଁ ଓ ତୁମେ ପୁଅ ।
ହେ ମୋର ଇଶ୍ୱର, ହେ ମୋର ଇଶ୍ୱର, କାହିଁକି ମୋତେ ପରିତ୍ୟାଗ କରିଛ ?
ମୋତେ ତୃଷା ଲାଗୁଛି !
ପିତା, ତୁମ୍ଭ ହସ୍ତରେ ମୁଁ ମୋର ଆତ୍ମା ସମର୍ପଣ କରୁଛି ।
ସମାପ୍ତ ହେଲା ।


ଅପରାହ୍ଣ ତିନିଟା ସମୟରେ ଯୀଶୁ ପ୍ରାଣତ୍ୟାଗ କଲେ । ଜଣେ ସୈନିକ ବର୍ଚ୍ଛାରେ ତାଙ୍କର କକ୍ଷସ୍ଥଳକୁ ଆଘାତ କଲା । ସେହି ସ୍ଥାନରୁ ଜଳ ଓ ରକ୍ତ ବୋହି ଆସିଲା ।
ଶାସ୍ତ୍ରରେ ଏହିପରି ଲେଖାଯାଏ : ସେ ନୀରବ ମେଷ ପରି ଲୋମଚ୍ଛେଦକ ସମ୍ମୁଖରେ ପଡ଼ିରହିଲେ ।
‘‘ସେ ଆମ ଅଧର୍ମ ପାଇଁ କ୍ଷତବିକ୍ଷତ ହେଲେ ଓ ଆମ ଅପରାଧ ପାଇଁ ଚୂର୍ଣ୍ଣ ହେଲେ ।’’ କିନ୍ତୁ ବର୍ତ୍ତମାନ ସେ ମୃତ ।
ଯାହାଙ୍କର ଆଗମନ କରିବାର ଥିଲା, ସେ କ’ଣ ସେହି ମସୀହ ଥିଲେ, ନା ନାହିଁ ?
ଆସ, ଆମେ ତାଙ୍କୁ କବର ଦେଇପାରିବା କି ନାହିଁ ପଚାରିବା ।
ଅରିମଥୀୟାର ଯୋସେଫ ଓ ନୀକଦୀମ ଯୀଶୁଙ୍କର ମରଶରୀର ନେଇଗଲେ । ସେମାନେ ତାଙ୍କ ଶରୀରରେ ସୁଗନ୍ଧି ଦ୍ରବ୍ୟ ଲଗାଇ ସୂତୀ ଲୁଗାରେ ଗୁଡ଼ାଇଦେଲେ ଏବଂ ତାଙ୍କୁ ସମାଧିରେ ରଖିଲେ ପୁଣି ସମାଧି ମୁହଁରେ ଏକ ବଡ଼ ପଥର ରଖିଦେଲେ ।



ବିଶ୍ରାମବାର ପରେ ଅତି ଭୋର୍‌ରୁ
ସ୍ତ୍ରୀଲୋକମାନେ ପଥର ଦ୍ୱାରା ବନ୍ଦ ଥିବା
ସମାଧି ପାଖକୁ ଗଲେ...
ପଥରଟା ଘୁଞ୍ଚି ଯାଇଛି !
ମୃତମାନଙ୍କ ମଧ୍ୟରେ ତୁମ୍ଭେମାନେ ଜୀବିତଙ୍କୁ
କାହିଁକି ଖୋଜୁଛ ? ସେ ଉଠିଅଛନ୍ତି । ଯାଅ ଓ
ତାଙ୍କ ଶିଷ୍ୟମାନଙ୍କୁ କୁହ !
ପିତର ଓ ଯୋହନ ଏକଥା ଶୁଣି
ସମାଧି ପାଖକୁ ଦୌଡ଼ିଲେ ।
କ'ଣ ହେଲା ?
ଏଇଟା ସଂପୂର୍ଣ୍ଣ
ଶୂନ୍ୟ !


ସମାଧି ପାଖ ବଗିଚାରେ ...
ନାରୀମାନେ, ତୁମ୍ଭେମାନେ କାହିଁକି କାନ୍ଦୁଛ ? କାହାକୁ ଖୋଜୁଛ ?
ଆଜ୍ଞା, ଆପଣ କ'ଣ ତାଙ୍କୁ ନେଇ ଯାଇଅଛନ୍ତି ?
ମରିୟମ !
ଗୁରୁ !
ମୋତେ ଧରି ରଖ ନାହିଁ । ମୋର ଭାଇମାନଙ୍କୁ ଯାଇ କୁହ ଯେ, ମୁଁ ମୋହର ଏବଂ ତୁମ୍ଭମାନଙ୍କର ପିତା ପୁଣି ମୋହର ଓ ତୁମ୍ଭମାନଙ୍କର ଈଶ୍ୱରଙ୍କ ପାଖକୁ ଯାଉଅଛି ।


ସେହିଦିନ ଦୁଃଖରେ ନିରାଶ ହୋଇପଡ଼ିଥିବା ଯୀଶୁଙ୍କର ଦୁଇ ଅନୁଗାମୀ ରାସ୍ତାରେ ଯୀଶୁଙ୍କର ମୃତ୍ୟୁ ବିଷୟରେ କଥାବାର୍ତ୍ତା କରି ଯାଉଥିବା ସମୟରେ ହଠାତ୍ ଜଣେ ପଥିକଙ୍କୁ ଭେଟିଲେ ।
ଭାବବାଦୀମାନଙ୍କୁ ତୁମ୍ଭେମାନେ କ'ଣ ବିଶ୍ୱାସ କରୁନାହିଁ ? ଏହି ଦୁଃଖକଷ୍ଟ ସହି ନିଜ ଗୌରବରେ ପ୍ରବେଶ କରିବା କ'ଣ ମସୀହଙ୍କ ଉଚିତ୍ ନ ଥିଲା ? ଏହି ସବୁ ପରା ଧର୍ମଶାସ୍ତ୍ରରେ ଲେଖାଅଛି !
ହଠାତ୍ ଦିନରେ ଖାଇବା ସମୟରେ ଅତିଥି କେଉଁଆଡ଼େ ଅଦୃଶ୍ୟ ହୋଇଗଲେ...
କିନ୍ତୁ ସେହି ଜଣକ ସ୍ୱୟଂ ଯୀଶୁ ଥିଲେ !
ସେମାନେ ସଂଗେ ସଂଗେ ଯୀଶୁଙ୍କର ଅନ୍ୟ ଶିଷ୍ୟମାନଙ୍କୁ ଖୋଜିବାକୁ ବାହାରିଗଲେ ।
ଆମ୍ଭେମାନେ ପ୍ରଭୁଙ୍କୁ ଦେଖିଛୁ !
ମରିୟମ ଓ ପିତର ମଧ୍ୟ ଦେଖିଛନ୍ତି !
ହଠାତ୍...
ତୁମ୍ଭମାନଙ୍କର ଶାନ୍ତି ହେଉ !
ତୁମ୍ଭେମାନେ କ'ଣ ମୋତେ ବିଶ୍ୱାସ କରୁନାହଁ ? ମୋର ହାତ ଆଉ ପାଦ ଦେଖ !
ମୋର ପ୍ରଭୁ, ମୋର ଈଶ୍ୱର !




ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ୪୦ ଦିନ ପର୍ଯ୍ୟନ୍ତ ଦେଖା ଦେଲେ । ଏପରିକି ସେ ଏକାଥରେ ୫୦୦ ଲୋକଙ୍କୁ ଦେଖା ଦେଲେ । ଦିନେ ତାଙ୍କର କେତେକ ପ୍ରେରିତ ଶିଷ୍ୟ ଗାଲିଲୀ ହ୍ରଦରେ ମାଛ ଧରୁଥିଲେ...
ତୁମ୍ଭମାନଙ୍କ ପାଖରେ କିଛି ଖାଇବାକୁ ଅଛି ?
ନା, ଆମେମାନେ କିଛି ବି ଧରିନୁ !
ଆର ପଟରେ ତୁମ ଜାଲ ପକାଅ !
ଆଶ୍ଚର୍ଯ୍ୟ ! କେତେ ମାଛ !
ଏ ତ ନିଶ୍ଚୟ ପ୍ରଭୁ !
ଗୁରୁ !
ତୁମେ କ'ଣ ଆସି ମୋ' ସହିତ ଖାଇବ ?


ପିତର, ତୁମେ କ'ଣ ମୋତେ ପ୍ରକୃତରେ ପ୍ରେମ କର ?
ଯୀଶୁ ପିତରଙ୍କୁ ଏହି ପ୍ରଶ୍ନ ତିନି ଥର ପଚାରିଲେ ...
ହଁ ପ୍ରଭୁ, ତୁମେ ଜାଣ, ମୁଁ ତୁମକୁ ପ୍ରେମ କରେ ।
ମୋର ମେଷମାନଙ୍କର ଯତ୍ନ ନିଅ !
ମୋର ଅନୁଗମନ କର !
ସ୍ୱର୍ଗ ଓ ପୃଥିବୀର ସମସ୍ତ ଶକ୍ତି ମୁଁ ପାଇଛି । ଜଗତରେ ଥିବା ସବୁ ଜାତିର ଲୋକଙ୍କ ପାଖକୁ ଯାଅ ଏବଂ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ସେମାନଙ୍କୁ ଶିଷ୍ୟ କର ପୁଣି ମୁଁ ତୁମ୍ଭମାନଙ୍କୁ ଯାହା ସବୁ କହିଛି, ସେହିସବୁ ପାଳନ କରିବାକୁ ସେମାନଙ୍କୁ ଶିକ୍ଷା ଦିଅ ।
ମନେରଖ, ମୁଁ ସର୍ବଦା ସବୁବେଳେ ପୁଣି ଏଇ ଯୁଗର ଶେଷ ପର୍ଯ୍ୟନ୍ତ ତୁମ୍ଭମାନଙ୍କ ସଂଗେ ସଂଗେ ରହିଛି ।
ଏହି କଥା କହିସାରିବା ପରେ ଯୀଶୁ ଏ ଜଗତ ଛାଡ଼ି ସ୍ୱର୍ଗକୁ ଚାଲିଗଲେ । କିନ୍ତୁ ସେ ପୁଣି ଥରେ ସବୁ ଲୋକଙ୍କର ବିଚାର କରିବା ପାଇଁ ଆସିବେ ବୋଲି କହିଗଲେ ।

ଶିଷ୍ୟମାନେ ଯିରୁଶାଲମରେ ପ୍ରାର୍ଥନାରେ ଜାଗି ରହି ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ । ଯେଉଁ ଆତ୍ମା ଯୀଶୁଙ୍କ ସଙ୍ଗରେ ଥିଲେ, ସେ ଶିଷ୍ୟମାନଙ୍କ ସଂଗରେ ମଧ୍ୟ ରହିଲେ ଓ ସେମାନଙ୍କୁ ନୂଆ ଲୋକ କଲେ, ଯେଉଁମାନେ କି ଶକ୍ତିଯୁକ୍ତ ଭାବେ ଯୀଶୁଙ୍କର ସାକ୍ଷ୍ୟ ପ୍ରଦାନ କଲେ ।








ଏବେ ପୃଥିବୀରେ ଯୀଶୁଙ୍କର ଅନୁଗାମୀମାନେ ଏକତ୍ର ବାଇବଲ ପାଠ ଓ ପ୍ରାର୍ଥନା କରୁଛନ୍ତି । ସେମାନେ ଯୀଶୁଙ୍କ ମୃତ୍ୟୁକୁ ସ୍ମରଣ କରି ଏକତ୍ର ରୋଟୀ ଭାଙ୍ଗୁଛନ୍ତି ଓ ଦ୍ରାକ୍ଷାରସ ପାନ କରୁଛନ୍ତି । ଏହା ଈଶ୍ୱରଙ୍କ ଇଚ୍ଛା ଥିଲା, ଯେପରି ସେମାନେ ପରସ୍ପର ସହ ପ୍ରେମରେ ଅଂଶୀ ହେବେ ।


ମଣିଷ ପ୍ରତି ଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ଯୀଶୁ ସଫଳ କଲେ ।
ଯୀଶୁ ଆମକୁ ପ୍ରେମ କରନ୍ତି ! ଧନ୍ୟବାଦୀ ହୁଅ ଓ ତାଙ୍କର ଆରାଧନା କର ।
କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣାର ଏକମାତ୍ର ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରିବ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହେବ ।
WILLEM DE VINK

